# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 March - 2024

### News Editor : Tapan Kumar Maharana

*******************************

## ମୁଖ୍ୟ ସମ୍ବାଦ

- ସର୍ବୋଚ୍ଚ ନ୍ୟାୟାଳୟରେ ଅସହାୟମାନଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ପାଇଁ ଆରମ୍ଭ କରାଗଲା ହେଲ୍‌ପ ଡେସ୍କ
- ଓଡ଼ିଶା ସମେତ ୪ଟି ରାଜ୍ୟର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ବଦଳି ନିର୍ଦ୍ଦେଶ ଦେଲେ ଭାରତର ନିର୍ବାଚନ କମିଶନ
- ଆସନ୍ତାକାଲିଠାରୁ ଦୁଇଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ

ଏବଂ

- ମନୁଷ୍ୟ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଆଜି ସାରା ବିଶ୍ୱରେ ପାଳିତ ହେଉଛି ବିଶ୍ୱ ଆନ୍ତର୍ଜାତିକ ବନ ଦିବସ

*Desk*

## ଏସ୍‌ସି–ଆକ୍ସେସିବିଲିଟି ହେଲ୍‌ପ ଡେସ୍କ

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ ଆଜି ସୁପ୍ରିମକୋର୍ଟ ପରିସରରେ ଆସେସେସିବିଲିଟି ହେଲ୍‌ପ ଡେକ୍ସକୁ ଉଦ୍‌ଘାଟନ କରିଛନ୍ତି । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ପ୍ରଧାନ ବିଚାରପତି କହିଛନ୍ତି ସୁପ୍ରିମକୋର୍ଟଙ୍କ ମିଶନ ଅନୁସାରେ ଏହି ହେଲ୍‌ପ ଡେକ୍ସ ଖୋଲାଯାଇଛି । ଅସହାୟ ଲୋକମାନଙ୍କୁ ସୁପ୍ରିମକୋର୍ଟର ନ୍ୟାୟିକ ସହାୟତା ଦେବାରେ ସରଳ କରିବା ଲାଗି ଜଷ୍ଟିସ ରବୀନ୍ଦ୍ର ଭଟ୍ଟଙ୍କ କମିଟି ସୁପାରିଶ କରିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ହେଲ୍‌ପ ଡେସ୍କ ମାଧ୍ୟମରେ ଦିବ୍ୟାଙ୍ଗଜନ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ସ୍ୱତନ୍ତ୍ର ସହାୟତା ଦରକାର କରୁଥିବା ଲୋକମାନେ ଏହାର ସୁଫଳ ପାଇପାରିବେ ।

*Desk*

## ଅଣକ୍ୟାଡର ଅଧିକାରୀଙ୍କ ବଦଳି

ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ଗୁଜୁରାଟ ଆଦି ୪ଟି ରାଜ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଏସ୍.ପି. ପଦବୀରେ ଅବସ୍ଥାପିତ କେତେଜଣ ଅଣକ୍ୟାଡର ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ଣ୍ଣାଙ୍ଗ ନିର୍ବାଚନ କମିଶନ ଦଳର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ଢେଙ୍କାନାଳ ଜିଲ୍ଲାପାଳ, ଦେବଗଡ଼ ଓ

କଟକ ଗ୍ରାମାଞ୍ଚଳ ଏସ୍.ପି.ଙ୍କୁ ସାଧାରଣ ନିର୍ବାଚନ ପୂର୍ବରୁ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବଦଳିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

***Desk***

# ପୋଷ୍ଟାଲ ବାଲାଟ-ସାମ୍ବାଦିକ

ଏକ ଐତିହାସିକ ନିଷ୍ପତ୍ତି କ୍ରମେ ଭାରତର ନିର୍ବାଚନ କମିଶନ ପ୍ରାଧିକୃତ ସାମ୍ବାଦିକମାନଙ୍କୁ ପୋଷ୍ଟାଲ ବାଲାଟରେ ମତଦାନ କରିବା ପାଇଁ ଅଧିକାର ପ୍ରଦାନ କରିଛନ୍ତି । ପ୍ରଥମଥର ପାଇଁ ସାମ୍ବାଦିକମାନେ ନିଜ ନିର୍ବାଚନମଣ୍ଡଳୀରୁ ଦୂରରେ ରହି ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ ସହିତ ସାଧାରଣ ନିର୍ବାଚନରେ ମତଦାନ କରିପାରିବେ । ଓଡ଼ିଶାରେ ମଧ୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହିତ ପ୍ରାଧିକୃତ ସାମ୍ବାଦିକମାନଙ୍କ ମତଦାନ ପାଇଁ ଉଚିତ୍ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ।

***Desk***

# ରବିବାର ବ୍ୟାଙ୍କ ଖୋଲା

ଚଳିତ ଆର୍ଥିକ ବର୍ଷର ଶେଷଦିନ ତଥା ମାର୍ଚ୍ଚ ୩୧ ତାରିଖ ରବିବାର ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲାରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରୀୟ ବ୍ୟାଙ୍କ ଏ ସମ୍ପର୍କରେ ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁସାରେ କୁହାଯାଇଛି ଯେ ସରକାରଙ୍କର

ରସିଦ ଏବଂ ଦେୟ ଦେଣନେଣ ଜନିତ କାରବାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ।

***Desk***

# +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ପରୀକ୍ଷା ଗତକାଲି ଶେଷ ହୋଇଛି । ଆସନ୍ତାକାଲିଠାରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୦ହଜାର ୫୦୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପରିଷଦ କର୍ତ୍ତୃପକ୍ଷ କହିଛନ୍ତି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନ୍ ଏବଂ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଆରେ କରାଯିବ । ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ସମୁଦାୟ ୬ଶହ ଅଣଚାଶ ଜଣ ଛାତ୍ରଛାତ୍ରୀ କପି କରି ଧରାପଡିଥିବା ଜଣାପଡିଛି । ଆସନ୍ତା ମେ' ମାସ ୧୫ ତାରିଖ ମଧ୍ୟରେ +୨ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି ।

***BHK***

## ଭଦ୍ରକ ନିର୍ବାଚନ ମଣ୍ଡଳୀ

ଭଦ୍ରକ ଜିଲ୍ଲାରେ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ଆସନ୍ତା ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ହେବ। ଜିଲ୍ଲାର ଗୋଟିଏ ଲୋକସଭା ଏବଂ ୫ଟି ବିଧାନସଭା କ୍ଷେତ୍ର ଲାଗି ୧ ହଜାର ୩୦୯ଟି ଭୋଟ୍‌ଗ୍ରହଣ କେନ୍ଦ୍ର କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ୧୨ ଲକ୍ଷ ୬୪ ହଜାର ୨୨୦ ଜଣ ମତଦାତା ଅଛନ୍ତି। ମହିଳାଙ୍କ ତୁଳନାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ହଜାରରୁ ଅଧିକା ଭୋଟର ଅଛନ୍ତି। ଏଥିସହ ୧୫୧ ଜଣ ତୃତୀୟ ଲିଙ୍ଗ, ୩୧ ହଜାର ୩୬୦ ଜଣ ବରିଷ୍ଠ ନାଗରିକ, ୨୮ ହଜାର ୧୯୪ ଜଣ ଭିନ୍ନକ୍ଷମ ଭୋଟର ଥିବା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ କହିଛନ୍ତି। ଚଳିତ ନିର୍ବାଚନରେ ଜିଲ୍ଲାରେ ୨୫ ହଜାର ୯୧୫ ଜଣ ନୂତନ ଯୁବ ଭୋଟର ସାମିଲ ହୋଇଥିବା ନେଇ ସୂଚନା ମିଳିଛି। ଆସନ୍ତୁ ଶୁଣିବା ଆମ ପ୍ରତିନିଧି ଅଶୋକ କୁମାର ନାୟକ କ’ଣ କହୁଛନ୍ତି....

**- V/O –**

***Desk***

## ବିଶ୍ୱ ଜଙ୍ଗଲ ଦିବସ

ମନୁଷ୍ୟ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଆଜି ବିଶ୍ୱରେ ଆନ୍ତର୍ଜାତିକ ବନ ଦିବସ ପାଳନ କରାଯାଉଛି । ଜଙ୍ଗଲ ବିନା

ଜୀବନ ଅସମ୍ଭବ । ହେଲେ ବିଗତ କିଛିବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଏକ ଆକଳନ ଅନୁସାରେ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଲାଣି । ଜଙ୍ଗଲ କ୍ଷୟର ହାର କମିବା ବଦଳରେ ଦିନକୁଦିନ ଅଧିକରୁ ଅଧିକ ଜଙ୍ଗଲକୁ ନଷ୍ଟ କରାଯାଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ବନଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ପରିବେଶ ସନ୍ତୁଳନ ରକ୍ଷା କରିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଜୀବନକୁ ସୁନ୍ଦର ଆଉ ସବୁଜିମାରେ ଭରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ସମସ୍ତେ ଆଜିର ଦିନରେ ଶପଥ ନେବା ବାଞ୍ଛନୀୟ ।

ଏହି ଅବସରରେ ମାନବ ଜାତିର ସୁସ୍ଥ ଭବିଷ୍ୟତ ପାଇଁ ସମସ୍ତେ ଗଛ ଲଗାଇ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଅନୁରୋଧ କରିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଙ୍ଗଲର ସୁରକ୍ଷା ତଥା ସଂରକ୍ଷଣ ପାଇଁ ପ୍ରତିବଦ୍ଧତାକୁ ଦୋହରାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ।

***Balangir***

## ବିଶ୍ୱ ଜଙ୍ଗଲ ଦିବସ-୨

ବଲାଙ୍ଗୀର ଜିଲ୍ଲାରେ ବିଶ୍ୱ ବନ ଦିବସ ପାଳନ ଅବସରରେ ଜିଲ୍ଲାପାଳ ଗୌରଓ୍ୱ ଶିବାଜୀ ଇସାଲଓ୍ୱାରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବନ ସଂରକ୍ଷଣ ଓ ବନୀକରଣ ଉପରେ ଗୁରୁତ୍ୱ ଦେବା ସହିତ ସମସ୍ତଙ୍କ ଭାଗିଦାରୀର ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା ।

***Desk***

## ରବିଧାନ ସଂଗ୍ରହ

ରବିଧାନ ସଂଗ୍ରହ ଲାଗି ଚାଷୀ ପଞ୍ଜିକରଣ ଚଳିତମାସ ୨୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସୂଚନା ଅନୁସାରେ ରାଜ୍ୟରେ ବର୍ତ୍ତମାନସୁଦ୍ଧା ୧ଲକ୍ଷ ୮୪ହଜାର ୩୭୨ଜଣ ଚାଷୀ ରବିଧାନ ସଂଗ୍ରହ ଲାଗି ନାମ ପଞ୍ଜିକରଣ କରିଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ଗତକାଲି ସୁଦ୍ଧା ଚାଷୀ ପଞ୍ଜିକରଣ ସଂଖ୍ୟା କମ୍ ଥିବାରୁ ସରକାର ଏ ବାବଦରେ ପଦକ୍ଷେପ ନେଇ ୧୭ଟି ଜିଲ୍ଲାର ୧୪ଟି ସମବାୟ ନିବନ୍ଧକଙ୍କୁ ଚିଠି ଲେଖି ପଞ୍ଜିକରଣ ସମୟ ବୃଦ୍ଧି କରିଛନ୍ତି ।

***Desk***

## ରେଲଓ୍ୱେ ହୋଲି ସ୍ପେଶାଲ

ହୋଲି ସମୟରେ ଯାତ୍ରୀମାନଙ୍କୁ ସୁବିଧାରେ ଯିବାଆସିବା କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ୫୪୦ଟି ନୂଆ ଟ୍ରେନ୍ ଚଳାଚଳ କରିବ। ରେଳ ମନ୍ତ୍ରଣାଳୟ ସୂଚନା ଅନୁସାରେ, କୋଲକାତା-ପୁରୀ ସହିତ ଦେଶର ପ୍ରମୁଖ ସ୍ଥାନଗୁଡ଼ିକୁ ଏହି ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ।

***Desk***

## ପାଣିପାଗ

ଚଳିତ ମାର୍ଚ୍ଚ ମାସରେ ୧୨୭ ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟର ଗୋଟିଏ ଦିନରେ ସର୍ବୋଚ୍ଚ ତାପମାତ୍ରା ଗତକାଲି ସବୁଠାରୁ ନିମ୍ନସ୍ତରକୁ ଆସିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ଗତ ଦୁଇଦିନ ଧରି ବର୍ଷା ଏବଂ କୋହଲା ପବନ ଯୋଗୁଁ ତାପମାତ୍ରା ନିମ୍ନସ୍ତରରେ ପହଁଞ୍ଚିଥିଲା। ଗତକାଲି ପୁରୀରେ ଦିନର ସର୍ବାଧିକ ତାପମାତ୍ରା ୨୦ ଦଶମିକ ୪ ଡିଗ୍ରୀ ଥିବାବେଳେ କଟକରେ ୨୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଏହା ପ୍ରାୟ ୧୨୦ ବର୍ଷ ଦଳର ରେକର୍ଡ ଭାଙ୍ଗିଛି ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୧୯୭୦ ମସିହା ମାର୍ଚ୍ଚ ୬ ତାରିଖରେ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ସବୁଠୁ କମ୍ ୨୪ ଦଶମିକ ୩ ଡିଗ୍ରୀ ରେକର୍ଡ କରାଯାଇଥିଲା।

ବର୍ଷା ଯୋଗୁଁ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୫ ଦଶମିକ ୨ ମିଲିମିଟର ବର୍ଷା ହୋଇଥିଲା। ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ଠାରେ

ସର୍ବାଧିକ ୭୨ ଦଶମିକ ୨ ମିଲିମିଟର, ଭୁବନରେ ୭୨ ମିଲିମିଟର ଏବଂ ଆଠମଲ୍ଲିକରେ ୬୮ ମିଲିମିଟର ବର୍ଷା ହୋଇଥିଲା।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଏବଂ ରାଜ୍ୟର ପଶ୍ଚିମ ଭାଗର କେତେକ ସ୍ଥାନରେ ତାପମାତ୍ରା ୩୦ ଡିଗ୍ରୀ ଛୁଇଁପାରେ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।